# ଦାନ୍ତହୀନ ରାଜନୈତିକ ଦଳ ଓ 'ବେଦାନ୍ତ'

ନିୟମଗିରିର ଡଙ୍ଗରିଆ ଆଦିବାସୀମାନଙ୍କର ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଧରି ଚାଲିଥିବା ସଂଘର୍ଷ ଭିତରେ ସେମାନଙ୍କ ପ୍ରତି ସଂହତି ଓ ସମର୍ଥନ ଜଣାଇ ସ୍ଥାନୀୟ ସ୍ତରଠାରୁ ଆରମ୍ଭ କରି ବିଶ୍ୱସ୍ତର ଯାଏଁ ଅନେକ ବ୍ୟକ୍ତି ଓ ସଂଗଠନମାନେ ସହଯୋଗର ହାତ ବଢ଼ାଇ ଆସିଛନ୍ତି। ସହଯୋଗ କରୁଥିବା ଲୋକମାନେ ଯେ ସମସ୍ତେ ଗୋଟିଏ ବିଚାର, ଆଦର୍ଶ ଓ ମାନସିକତାର ଲୋକ ତାହା ଆଦୌ ନୁହଁ। ଏମିତିକି ସେମାନଙ୍କ ଭିତରେ ବେଳେ ବେଳେ ପ୍ରତିଯୋଗିତା ବି ଚାଲିଥାଏ କିଏ ପ୍ରକୃତ ସହଯୋଗୀ କଥାଟିକୁ ସାବ୍ୟସ୍ତ କରିବାପାଇଁ। ତଥାକଥିତ ସଫଳତାର ଶ୍ରେୟକୁ ନେଇ ଦାବି କରିବାରେ ମଧ୍ୟ ନିଜ ନିଜ ଭିତରେ ଅଘୋଷିତ ଏବଂ ଅଚ୍ଚର୍ଚ୍ଚିତ ପ୍ରତିଯୋଗିତା ଚାଲିଥାଏ। କିନ୍ତୁ ଗୋଟିଏ କଥା ସତ ଏବଂ ସ୍ପଷ୍ଟ ଯେ ସେମାନେ ସମସ୍ତେ ଡଙ୍ଗରିଆ ଆଦିବାସୀମାନଙ୍କ ଜୀବନ ଓ ଜୀବିକାର ସୁରକ୍ଷା ତଥା ନିୟମଗିରି ଭଳି ଜୈବବିବିଧତାର ଏକ ଭୂସ୍ୱର୍ଗ ଭଳି ପାହାଡ଼ର ସୁରକ୍ଷା ପାଇଁ ନିଷ୍ଠାପର ଭାବେ ଅଙ୍ଗୀକାରବଦ୍ଧ। ସେମାନେ ନିୟମଗିରି ଓ ଡଙ୍ଗରିଆଙ୍କୁ ନେଇ କେବେ ବି ସାଲିସ କରିବେ ନାହିଁ ବା କାହାର ଦଲାଲ ଭାବେ କାମ କରିପାରିବେ ନାହିଁ ଏହି କଥାର ଯଥେଷ୍ଟ ପ୍ରମାଣ ଦେଇ ଆସିଛନ୍ତି। ନିୟମଗିରିର ଏକମାତ୍ର ବ୍ୟତିକ୍ରମ କଂଗ୍ରେସ ଦଳ। ଆଗରୁତ ଭାରତୀୟ ଜନତା ପାର୍ଟି ଏବଂ ବିଜୁ ଜନତା ଦଳ ଭଳି ଦଳମାନେ ନିୟମଗିରିକୁ ଲକ୍ଷରେ ରଖିଥିବା ବେଦାନ୍ତ କମ୍ପାନୀର ହାତବାରିସି ଭଳି କାମ କରିଆସିଛନ୍ତି। ବାଜପେୟୀଙ୍କ ଅମଳରେ ସୃଷ୍ଟି ହୋଇଥିଲା 'ବେଦାନ୍ତ' ଭାଜପାର ଏକ ମୂଲ୍ୟବାନ ବନ୍ଧୁଭାବରେ ଏବେ ଅଧିକ ଦୃଶ୍ୟମାନ ହେଉଛି। ତେବେ କଂଗ୍ରେସ ଦଳ କିଛି ପଛରେ ନାହିଁ। ୨୦୦୯-୧୦ ମସିହାରେ କଂଗ୍ରେସର ଆଦିବାସୀ ପ୍ରିୟ ଯୁବନେତା ରାହୁଲ ଗାନ୍ଧୀଙ୍କର ଲାଞ୍ଜିଗଡ଼ ଗସ୍ତ ଓ ଡଙ୍ଗରିଆଙ୍କ ପାଇଁ ସିପାହୀ ଭଳି ଦିଲ୍ଲୀରେ କାମ କରିବାପାଇଁ ଘୋଷଣା କରିବା ସତ୍ତ୍ୱେ ରାଜ୍ୟର କଂଗ୍ରେସ ଦଳ ଉପରେ ଏହାର କିଛି ପ୍ରଭାବ ନାହିଁ। ଏବେକାର ରାଜ୍ୟ ନେତୃତ୍ୱ ସମ୍ପୂର୍ଣ୍ଣଭାବେ ବେଦାନ୍ତ ସହିତ ଅଛନ୍ତି ଏହି କଥା ସେହି ଅଞ୍ଚଳର ଆନ୍ଦୋଳନକାରୀମାନେ କହି ଆସିଛନ୍ତି। ଭାଜପା ଓ ବିଜୁ ଜନତା ଦଳ ତୁଳନାରେ ବହୁଗୁଣ କମ୍ ହେଲେ ବି ଜାତୀୟସ୍ତରରେ କଂଗ୍ରେସ ଦଳ ମଧ୍ୟ ନିର୍ବାଚନୀ ବଣ୍ଡ୍ ମାଧ୍ୟମରେ ବେଦାନ୍ତ କମ୍ପାନୀଠାରୁ ଚାନ୍ଦା ଗ୍ରହଣ କରିଛନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଓଡ଼ିଶାରେ ଏହି ଦଳର ନେତୃତ୍ୱକୁ ଭରସା କରିବା ସଂଘର୍ଷରତ ଜନଆନ୍ଦୋଳନଗୁଡ଼ିକ ପାଇଁ ସହଜ ହେବ ନାହିଁ। ଏହି କଥାର ପ୍ରମାଣ ମଧ୍ୟ ତୁହାକୁ ତୁହା ମିଳି ଚାଲିଛି।

ଗତ ଜୁଲାଇ ୧୧, ୨୦୨୫ଦିନ ଲୋକସଭାରେ ବିରୋଧି ଦଳନେତା ଥିବା କଂଗ୍ରେସର ଯୁବନେତା ଭୁବନେଶ୍ୱର ଗସ୍ତରେ ଆସିଥିଲେ। ସେତେବେଳେ କଂଗ୍ରେସ ଦଳର କିଛିନେତା ଏବଂ ଅନ୍ୟକିଛି ସାମାଜିକ କର୍ମୀଙ୍କ ଉଦ୍ୟମରେ ବେଦାନ୍ତ ଏବେ ଆଖି ପକାଇଥିବା ସିଜିମାଳି/ଟିଜିମାଳିର ସଂଘର୍ଷରତ ଆଦିବାସୀମାନଙ୍କୁ ଭୁବନେଶ୍ୱର ଡକାଇ ଅଣାଯାଇଥିଲା। ସେମାନଙ୍କ ମନରେ ଏହି ଆଶା ଦିଆଯାଇଥିଲା ଯେ ନିୟମଗିରିର ଡଙ୍ଗରିଆମାନଙ୍କ ପାଇଁ 'ସିପାହୀ'ସାଜିଥିବା ରାହୁଲ ଗାନ୍ଧୀ ଯଦି ତାଙ୍କ କଥା ପ୍ରତ୍ୟକ୍ଷଭାବେ ଶୁଣିବେ ସେମାନଙ୍କ ଅଞ୍ଚଳକୁ ଯିବାପାଇଁ ଆମନ୍ତ୍ରିତ ହେବେ ତେବେ ସେମାନଙ୍କର ବେଦାନ୍ତ ବିରୋଧି ସଂଘର୍ଷକୁ ଶକ୍ତି ମିଳିବ। ଏମାନେ ଆସି ରାହୁଲ ଗାନ୍ଧୀଙ୍କୁ ଭେଟିଲେ ନିଜ ନିର୍ଯାତନାର କାହାଣୀ ଶୁଣାଇଲେ, ସ୍ମାରକ ପତ୍ର ଦେଲେ ଏବଂ ନିଜ ଅଞ୍ଚଳକୁ ଯିବା ପାଇଁ ଆମନ୍ତ୍ରଣ କଲେ। ରାହୁଲ ମଧ୍ୟ ସେମାନଙ୍କ କଥା 'ଶୁଣିଲେ' ଓ ନିକଟ ଭବିଷ୍ୟତରେ ଯିବାପାଇଁ 'ପ୍ରତିଶ୍ରୁତି' ଦେଲେ ବୋଲି ଆମେ ଶୁଣିବାକୁ ପାଇଲୁ। ତେବେ ସମଗ୍ର ଘଟଣାଟିକୁ ନେଇ ରାଜ୍ୟ ସଭାପତି ଖୁସି ନଥିବା କଥା ମଧ୍ୟ ଆମେ ଶୁଣିବାକୁ ପାଇଲୁ। କେହି କେହି କହିଲେ ବି କଂଗ୍ରେସରେ ଗୋଷ୍ଠି କନ୍ଦଳ ଚାଲିଛି ଏବଂ ଗୋଟିଏ ଗୋଷ୍ଠି ସଭାପତିଙ୍କୁ ଅପଦସ୍ତ କରିବା ପାଇଁ ଆଦିବାସୀମାନଙ୍କୁ ଆଣି ତାଙ୍କ ପାଖରେ ପହଞ୍ଚାଇଛନ୍ତି।

ରାହୁଲ ଗାନ୍ଧୀ ଓଡ଼ିଶା ଛାଡ଼ି ଚାଲିଯିବା ପରେ ଦୁଇଟି ଘଟଣା ଘଟିଲା। ସେ ଯିବାର ଗୋଟିଏ ସପ୍ତାହ ଭିତରେ କଂଗ୍ରେସ ଭବନରେ ବୈଠକଟିଏ ବସିଥିଲା। ଏହି ଦଳସହ ଏକାଠି ହୋଇ ନିର୍ବାଚନ ଲଢ଼ିବା ପାଇଁ ଆଶା ବାନ୍ଧି ରହିଥିବା କିଛି ବିରୋଧି ରାଜନୈତିକ ଦଳମାନେ ମଧ୍ୟ ଏଥିରେ ଯୋଗ ଦେଇଥିଲେ। ବୈଠକରେ ଖଣି ଓ ଶିଳ୍ପାୟନକୁ ନେଇ ଆଲୋଚନା ହୋଇଥିବା କଥା ସେଥିରେ ଭାଗ ନେଇଥିବା ଜଣେ ବନ୍ଧୁଙ୍କଠାରୁ ଜଣା ପଡ଼ିଥିଲା। ଏହି ସବୁକୁ ବିରୋଧକରି ହେଉଥିବା ଜନଆନ୍ଦୋଳନ ଏବଂ ସେମାନଙ୍କର ସହଯୋଗୀମାନଙ୍କୁ ସମାଲୋଚନା କରାଯାଇଥିଲା। କଂଗ୍ରେସ ମୁଖିଆ ସେହି ସହଯୋଗୀମାନଙ୍କୁ 'ପର୍ଯ୍ୟଟକ'କହି ସମାଲୋଚନା କଲାବେଳେ ସେଠାରେ ଉପସ୍ଥିତ ଥିବା କିଛି ବାମପନ୍ଥୀ ବିରୋଧ କରିଥିବାବେଳେ ଆଉ କିଛି ସମର୍ଥନ କରିଥିଲେ। ଏମିତିକି କଂଗ୍ରେସ ମୁଖିଆ ଜଣେ ପୂର୍ବତନ ବିଧାୟକଙ୍କୁ କହିଲେ ଯେ ନିୟମଗିରିକୁ ରଖିବାକୁହେଲେ ସିଜିମାଳି ଭଳି କିଛି ଖଣି ବେଦାନ୍ତକୁ ଦେବାକୁ ପଡ଼ିବ। ଅର୍ଥାତ୍ ଜଣେ ନୀରିହ ମଣିଷକୁ ହତ୍ୟା କରିବାପାଇଁ ଆସିଥିବା ଗୋଟିଏ ଜଘନ୍ୟ ଅପରାଧି ମୁହଁରୁ ତାକୁ ବଞ୍ଚାଇବାକୁ ହେଲେ ଆମେ ଆଉ ଗୋଟିଏ ନୀରିହ ମଣିଷକୁ ତାହାର ଆଗକୁ ଠେଲି ଦେବାକୁ

ପଡ଼ିବ ଯାହାକୁ ସେ ହତ୍ୟା କରିବ। ଏହି ଆଲୋଚନାର ସାରାଂଶ ଏଥିରେ ଭାଗ ନେଇଥିବା ବନ୍ଧୁମାନେ ଜଣାଇବାର କିଛି ଦିନ ପରେ ଦ୍ୱିତୀୟ ଘଟଣାଟି ଘଟିଥିଲା।

ଦ୍ୱିତୀୟ ଘଟଣାଟି ଥିଲା ସିଜିମାଳି ସୁରକ୍ଷାପାଇଁ ଚାଲିଥିବା ଜନଆନ୍ଦୋଳନର ଆଗଧାଡ଼ିର ନାରୀନେତ୍ରୀ ନାରଙ୍ଗୀ ଦେଇ ମାଝିଙ୍କର ମାତ୍ର ଦୁଇସପ୍ତାହ ପରେ ଗିରଫ। ସିଜିମାଳିରୁ ଭୁବନେଶ୍ୱର ଆସି ରାହୁଲ ଗାନ୍ଧୀଙ୍କୁ ଭେଟି ବେଦାନ୍ତ ବିରୋଧରେ ଚାଲିଥିବା ସେମାନଙ୍କର ଆନ୍ଦୋଳନକୁ ସମର୍ଥନ ଜଣାଇବାପାଇଁ ଯେଉଁ ଆଦିବାସୀ ମା ବାପାମାନେ ଅନୁରୋଧ କରିଥିଲେ ଏବଂ ତାଙ୍କ ପାଖରୁ ସହଯୋଗର ପ୍ରତିଶ୍ରୁତି ପାଇଥିଲେ ସେମାନଙ୍କ ଭିତରେ ଥିଲେ ନାରଙ୍ଗୀ ଦେଇ ମାଝି। ଆଜି ତଥା ୧ ଅଗଷ୍ଟ ୨୦୨୫ଦିନ ସେ ପ୍ରସବ ବେଦନାରେ ଛଟପଟ ହେଉଥିବା ନିଜ ବୋହୂକୁ ଧରି ରାୟଗଡ଼ା ଡାକ୍ତରଖାନା ଯାଇଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇଥିବା କିଛି ମିଛ ମକଦ୍ଦମାରେ ସଂପୃକ୍ତ କରାଇ ତାଙ୍କୁ ଗିରଫ କରାଯାଇଥିଲା। ସିଜିମାଳିରେ ବେଦାନ୍ତ ଏବଂ ବେଦାନ୍ତ ତରଫରୁ ପୋଲିସ ନିର୍ଯାତନାର ଶିକାର ହେଉଥିବା ଆଦିବାସୀମାନେ ନିଜର ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇବା ପାଇଁ ଭେଟି ପାରିନଥିଲେ। ବିରୋଧି ଦଳର ନେତାମାନେ ମଧ୍ୟ ସେମାନଙ୍କର ବହୁତ ଦୂରରେ। ଅନେକ ଆଶାବାନ୍ଧି ଜୁଲାଇ ୧୧,୨୦୨୫ଦିନ ସେମାନେ ଭୁବନେଶ୍ୱରରେ ରାହୁଲ ଗାନ୍ଧୀଙ୍କୁ ଭେଟିଥିଲେ। ଏବେ ପରିଣାମ ଭୋଗିବା ଆରମ୍ଭ ହୋଇଛି ନାରଙ୍ଗୀ ଦେଇ ମାଝିଙ୍କ ଗିରଫପରେ। ଏହି ସମ୍ପାଦକୀୟ ଲେଖିବାଯାଏଁ ରାଜ୍ୟ କଂଗ୍ରେସ ଶିବିରରେ କୌଣସି ପ୍ରତିବାଦ ହୋଇଥିବା କଥା ଆମର ଦୃଷ୍ଟିଗୋଚର ହୋଇନାହିଁ। ଏମିତିକି ପ୍ରତିକ୍ରିୟାଟିଏ ମଧ୍ୟ ଆସିନାହିଁ ଯଦିଓ ସେମାନଙ୍କ ପାଖରେ ନାରଙ୍ଗୀଙ୍କ ଗିରଫହେବାର ସମସ୍ତ ତଥ୍ୟ ଅଛି।

ସମଗ୍ର ଦକ୍ଷିଣଓଡ଼ିଶା ଏବେ ବେଦାନ୍ତ, ଆଦାନୀ ଓ ବିର୍ଲା ଗ୍ରୁପ୍ ଅଧିନରେ। ଏକ ଅମାନବିକ, ପ୍ରକୃତି ବିରୋଧି, ଜୀବଜଗତ ବିରୋଧି ଏବଂ ବିଶେଷଭାବେ ଆଦିବାସୀ ବିରୋଧି ବକ୍ସାଇଟ୍ ଖଣିଖନନ ଏବଂ ଦ୍ରୁତ ଶିଳ୍ପାୟନ ପର୍ବ ଅବାଧରେ ଚାଲିଛି। ଏହି ପ୍ରକ୍ରିୟାରେ ସବୁ ପ୍ରମୁଖ ଶାସକ ଓ ବିରୋଧି ଦଳମାନେ ଖଣି କମ୍ପାନୀମାନଙ୍କ ସହ ଅଛନ୍ତି। ଶୁଣାଯାଉଛି କିଛି ଲୋକସଭା ଓ ବିଧାନସଭାରେ ସଦସ୍ୟଥିବା ଆଦିବାସୀନେତାଙ୍କର ଗାଡ଼ିମଧ୍ୟ ଖଣିଜ ଦ୍ରବ୍ୟ ପରିବହନ ଓ ଅନ୍ୟାନ୍ୟ କାର୍ଯ୍ୟରେ ଲାଗିଛି। ଏହାର ସତ୍ୟାସତ୍ୟ ଜାଣିବାପାଇଁ ଆମ ପ୍ରତିନିଧିମାନେ ଅନୁସନ୍ଧାନ କରୁଛନ୍ତି। ଆଦିବାସୀ ବୋଲି ଆଦିବାସୀଙ୍କ ଭୋଟପାଇ ନିର୍ବାଚିତ ହୋଇଥିବା ଭାରତର ଏବଂ ଓଡ଼ିଶାର ପ୍ରାୟ ସମସ୍ତ ଜନପ୍ରତିନିଧିମାନେ ନିର୍ବାଚିତ ହେବା ପରେ ନିଜ ନିଜର ରାଜନୈତିକ ଦଳମାନଙ୍କ ପାଇଁ କାମ କରୁଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ସେ ଭିତରୁ ଜଣେ। ଦକ୍ଷିଣ ଓଡ଼ିଶାରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି କେଉଁ ରାଜନୈତିକ ଦଳ କେତେ ଅଧିକ କମ୍ପାନୀ ମାନଙ୍କର ପୃଷ୍ଠପୋଷକତା ପାଇବ। ଭାରତର ସମସାମୟିକ ନିର୍ବାଚନୀ ଗଣତନ୍ତ୍ର ଏକ ଖର୍ଚ୍ଚତନ୍ତ୍ରରେ ପହଞ୍ଚି ସାରିଥିବା ଯୋଗୁଁ ଅର୍ଥର ଲାଳସା ପ୍ରାୟ ସବୁ ରାଜନୈତିକ ଦଳମାନଙ୍କର ରହିଆସିଛି। ଲୋକଙ୍କ କଥା ଏବଂ ଲୋକଙ୍କ ବ୍ୟଥା କାହାର ବି କାର୍ଯ୍ୟସୂଚୀରେ ଆଉ ନାହିଁ। ପାଞ୍ଚବର୍ଷରେ ଥରେ କେତୋଟି ପାଞ୍ଚଶହ ଟଙ୍କିଆ ନୋଟ ଧରାଇ ସବୁକଥାର ସମାଧାନ କରାଯାଇ ପାରିବ ସେଭଳି ଏକ ଧାରଣା ସମସ୍ତଙ୍କ ମନରେ ଅଛି। ଅନ୍ତତଃ ବାମପନ୍ଥୀ ଦଳମାନେ ବୁଝିଯିବା କଥାଯେ ପୁଞ୍ଜି ବା ଟଙ୍କା ପଛରେ ଦୌଡୁଥିବା ଏହି ଦଳମାନଙ୍କ ସହ ଏକାଠି ହୋଇ କାର୍ଯ୍ୟ କରିବା ସେମାନଙ୍କ ନିଜପାଇଁ କେତେ କ୍ଷତିକାରକ। ସେମାନେ ଅନ୍ତତଃ ଦୁର୍ବଳ ହୋଇ ଚାଲିଥିବା ନିଜ ସଂଗଠନ ଏବଂ ଗଣଭିତ୍ତିକୁ ଅଧିକ ଦୁର୍ବଳ କରି ଚାଲିବେ। ଯେଉଁ ନିଷ୍ଠାପର କର୍ମୀମାନଙ୍କୁ 'ପର୍ଯ୍ୟଟକ'କୁହାଯାଉଛି ସେମାନେ ଜନଗଣଙ୍କର ପରମବନ୍ଧୁ ହିସାବରେ ନିଜକୁ ପ୍ରମାଣିତ କରିପାରିଛନ୍ତି। ଆଗାମୀକାଲିର ରାଜନୀତିରେ ସେମାନଙ୍କର ଏକ ନିର୍ଣ୍ଣାୟକ ଭୂମିକା ରହିବ ଏହି କଥା ଓଡ଼ିଶାର ସମସ୍ତ ଜନଆନ୍ଦୋଳନଗୁଡ଼ିକୁ ନିଷ୍ଠାର ସହ ବୁଝୁଥିବା ଲୋକମାନେ ହୃଦୟଙ୍ଗମ କରିପାରୁଛନ୍ତି। ଏବେ ବି ସମୟ ଅଛି ଗଣମାନଙ୍କର ବନ୍ଧୁହୋଇ ସେମାନଙ୍କର ହିତରେ କାମକରିବା ପାଇଁ ଯେମିତି ସମସ୍ତେ କାମ କରିବା।

'ବେଦାନ୍ତ'ଭଳି ପ୍ରାୟ ସମସ୍ତ ଖଣି କମ୍ପାନୀମାନେ ଆମର ଶାସକ ଦଳ ଏବଂ ଶାସକଶ୍ରେଣୀଙ୍କୁ ଦାନ୍ତହୀନ କରିଦେଇଛନ୍ତି। ବେଦାନ୍ତକୁ ନେଇ ଘଟିଚାଲିଥିବା ଘଟଣାଗୁଡ଼ିକୁ ଏମାନେ ନ ଦେଖିଲାଭଳି ରହୁଛନ୍ତି। ଜୁଲାଇ ମାସ ତୃତୀୟ ସପ୍ତାହରେ ଫଟକା ବଜାର ସହ ସମ୍ପୃକ୍ତ ଏକ ଅଂଶଧନ ତୁରନ୍ତ କିଣାବିକା କରୁଥିବା କମ୍ପାନୀ'ଭାଇସରଏ' ଏକ ଅଭିଯୋଗ ଆଣିଥିଲେ ଯେ ବେଦାନ୍ତ କମ୍ପାନୀ ଗୁପ୍ତ ଉପାୟରେ କିଛି ସଂସ୍ଥାଙ୍କୁ ଆଗରେ ରଖି ଯେମିତିକି 'ଭଦ୍ରମ୍ ଜନହିତ ଶାଳିକା ଟ୍ରଷ୍ଟ' ଏବଂ 'ପି.ଟି.ସି କେବଲସ୍' କମ୍ପାନୀ ମାଧ୍ୟମରେ ବେଦାନ୍ତ ଲିମିଟେଡ୍ ଏବଂ ହିନ୍ଦୁସ୍ଥାନ ଜିଙ୍କ୍ ଲିମିଟେଡ୍‌ର ଅଂଶଧନ ନିଜେ କିଣି ପାଖରେ ରଖିଛି। ଏହା ଏକ ଅନୈତିକ ଅର୍ଥନୈତିକ କାରବାର ବୋଲି ଏହି କମ୍ପାନୀ ବେଦାନ୍ତ ବିରୋଧରେ ଅଭିଯୋଗ କରଛି। ଆଦାନୀଙ୍କ ଭଳି ବେଦାନ୍ତ ମଧ୍ୟ କେବେ କୌଣସି ଅନୈତିକ କାରବାର କରିବା କଥା ସ୍ୱୀକାର କରନ୍ତି ନାହିଁ। ଏହି କଥାଟି ପ୍ରଘଟ ହେବାପରେ ପୂର୍ବତନ ସଚିବ ଇ.ଏ.ଏସ୍ ଶର୍ମାଙ୍କର ଏକ ପତ୍ର ଯାହା ସେ କେନ୍ଦ୍ର ଖଣିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ ସେଥିରେ ସେ ମଧ୍ୟ ଅଭିଯୋଗ କରିଥିଲେ ଯେ ନିଜର ବୈଦେଶିକ ଋଣ ପଇଠ କରିବାପାଇଁ ହିନ୍ଦୁସ୍ଥାନ ଜିଙ୍କ୍ କମ୍ପାନୀକୁ ବ୍ୟବହାରକରି ବେଦାନ୍ତ ତାକୁ ପଙ୍ଗୁ

କରିବାରେ ଲାଗିଛି। ଏହି ସବୁ ତଥ୍ୟ ଏବଂ ଏହାକୁ ସମ୍ପୃକ୍ତ କମ୍ପାନୀମାନେ ଗ୍ରହଣ ନକରିବା କଥା ଗଣମାଧ୍ୟମରେ ଆସି ସାରିଥିଲେ ମଧ୍ୟ ଆମ ରାଜନୈତିକ ଦଳମାନଙ୍କର ସାଧାରଣ ଭାବେ କମ୍ପାନୀ ପ୍ରୀତି ଏବଂ ବିଶେଷ ଭାବେ ବେଦାନ୍ତ ପ୍ରୀତି କମୁନାହିଁ।

ସେହି ଦୃଷ୍ଟିରୁ ଭବିଷ୍ୟତର ରାଜନୀତି ଅଧିକରୁ ଅଧିକ ଦେଶୀ ବିଦେଶୀ ବହୁରାଷ୍ଟ୍ରୀୟକେନ୍ଦ୍ରୀକ ହୋଇଚାଲିବ ଯେଉଁଥିପାଇଁ କି ରାଜନୈତିକ ଦଳମାନେ କେବେ ବି ଗଣବନ୍ଧୁ ହୋଇପାରିବେ ନାହିଁ। ରାଜ୍ୟରେ ବାମପନ୍ଥୀ ଦଳମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ସେମାନେ ପ୍ରତିଷ୍ଠିତ ଏବଂ ପରୀକ୍ଷିତ ଗଣବନ୍ଧୁମାନଙ୍କୁ କଂଗ୍ରେସ ଭଳି 'ପର୍ଯ୍ୟଟକ' କହି ଗଣଶତ୍ରୁର ଭୂମିକାରେ ରହିବେ ନା ସେମାନେ ନିଜର ମାର୍ଗଦର୍ଶକମାନଙ୍କ ଆଦର୍ଶକୁ ମନେପକାଇ ଗଣବନ୍ଧୁମାନଙ୍କ ସହ ମିଶି ଏକ ନୂଆ ରାଜନୀତିର ପରିକଳ୍ପନା କରିବେ।